# ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର
## ଦୀର୍ଘ ମିଆଦି ଲିଜ୍ ନିଲାମ୍ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୪୧୮୩ /ତାରିଖ ୧୬.୧୦.୨୦୨୨

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସ ଗୁଡିକର ଦୀର୍ଘମିଆଦି ଲିଜସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୭-୨୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା – ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.in ରେ ଉପଲବ୍ଧ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ରେଜେଷ୍ଟ୍ରୀ ଡାକଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ତହସିଲଦାର, ସୋନପୁର

## ତହସିଲ୍‌ଦାରଙ୍କ କାର୍ଯ୍ୟାଳୟ, ସୋନପୁର

### ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୪୧୮୭ /ତାରିଖ ୧୮.୧୦.୨୦୨୨

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକବର୍ଷ ଠାରୁ ୨୦୨୭-୨୮ ଆର୍ଥିକବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ (O.M.M.C. Rules, 2016) ଦ୍ୱାରା ପ୍ରଣୀତ Form-M ପୂରଣ କରି ୩ କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରୀ ଡାକ ମାଧ୍ୟମରେ ଆବେଦନ କରି ପାରିବେ (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) । ଧାର୍ଯ୍ୟ ତାରିଖର ପୂର୍ବଦିନ ଅର୍ଥାତ (୧୪.୧୧.୨୦୨୨) ଅପରାହ୍ନ ଘ.୫.୦୦ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର, ସୋନପୁରଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ :**

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦ ଙ୍କା (ଅଣ-ଫେରସ୍ତ) ରାଶି ର ଟ୍ରେଜରୀ ଚାଲାଣ ଦାଖଲ କରିବେ । [Demand No. "0853-Non-Ferrous Mining & Metallurgical industries102- Mineral Concession, fees, Rents & Royalities 0217-Receipt under Orisa Minor Minerals Concession Fees (New) 02021- Collection of Fees, Rents & Royalities (New)".

୨. ଦରଖାସ୍ତକାରୀ ନିଜ ସପକ୍ଷରେ କୌଣସି ବକେୟା ପାଉଣା (ଲଘୁ ଖଣିଜ ଦ୍ରବ୍ୟ ସମ୍ବନ୍ଧୀୟ) ନଥିବାର ଶପଥ ପାଠ (Affidavit) ଦାଖଲ କରିବେ ।

୩. ଦରଖାସ୍ତ ସହିତ ଅମାନତ ରାଶି ବାବଦ କୁ ଉକ୍ତ ସୈରତ ଉତ୍ସ ର ମୋଟ ବାର୍ଷିକ ଦେୟ ର ପାଞ୍ଚ ପ୍ରତିଶତ (୫%) ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, ସୋନପୁରଙ୍କ ନାମରେ (Payble at Sonepur) ପ୍ରଦାନ କରିବେ । [ EMD i.e. 5% of {MGQ X (Royalty + Additional Charges)}].

୪. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦୀର ସଂପୂର୍ଣ୍ଣ ବିବରଣୀ ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ ।

୫. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା – ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

M

୬. ଦରଖାସ୍ତକାରୀଙ୍କ GST Clearance ସାର୍ଟିଫିକେଟ/ GST ନଂ ର ଅବିକଳ ନକଲ ଦାଖଲ କରିବେ ।

୭. ଦରଖାସ୍ତକାରୀ ଆଧାର କାର୍ଡ ଓ ପାନ କାର୍ଡ ର ନକଲ ଦାଖଲ କରିବେ ।

୮. ଦରଖାସ୍ତକାରୀ 18 ମାସର ଅବଧି ଥାଇ ବ୍ୟାଙ୍କ ପ୍ରତ୍ୟାବୃତି (Bank Gurantee) କିମ୍ବା ଗତ ଆର୍ଥିକ ବର୍ଷର ବାର୍ଷିକ ଆୟକର ଦାଖଲ (Income Tax Return Filing) ର ପ୍ରମାଣ ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guranted Quantity Fixed by the authority) X ( Royalty + Additional charges offered by the applicant ) ହେବା ଆବଶ୍ୟକ । ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ବ୍ୟାଙ୍କ ଗ୍ୟାରେଣ୍ଟି ଦେବାକୁ ହେବ ।
Ex :- Bank Guarantee/ Income Tax return of last financial year = Minimum Guaranteed quantity X ( Royalty + Additional charges offered by the applicant )

**ବିଶେଷ ସର୍ତ୍ତାବଳୀ :**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ, ୨୦୧୬ (O.M.M.C. Rues, 2016) ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।
୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (ଯାହାକି ପ୍ରଚଳିତ ରୟାଲିଟିର ୫ % ଅଥବା ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ୱାରା ଅନୁମୋଦିତ ପରିମାଣରୁ ଅଧିକ ହୋଇଥିବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି, ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି; ତାହାହେଲେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।
୩. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କରିବେ ।
୪. ମାଇନିଂ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପଇଠ କରିବେ । ସଂପୂର୍ଣ୍ଣ ପଇଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ, ୧୯୦୮ ଓ ଷ୍ଟାମ୍ପ ଆକ୍ଟ, ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ।
୫. ଯଦି, ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହାହେଲେ, କେବଳ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
୬. ଯଦି, ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ, ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
୭. ନିଲାମଧାରୀମାନେ O.M.M.C. Rules, 2016 ରେ ଥିବା ନିୟମ 27 ର 1 ରୁ 17 ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

Md

୮. ଲିଜଧାରୀ ଜମା ରୟାଲିଟିର ୨% ଅର୍ଥ ଆୟକର ବାବଦକୁ, ୧୦% ଅର୍ଥ DMF ଏବଂ ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମାକରିବେ ।

୯. ଦରଖାସ୍ତକାରୀ Mines & Minerals (Dev- & Regulation) Act, 1957 ଏବଂ Explosive Act, 1984 ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୦. ଦରଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

୧୧. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ Mining Plan, EMP, Sand Replenishment Study, Environment Clearance, consent to establish (CTE) ଏବଂ consent to operate (CTO) from Pollution Control Board ପ୍ରସ୍ତୁତ କରି ଦାଖଲ କରିବେ, ଯଦି, ଲିଜ ପ୍ରଦାନକାରୀ (ତହସିଲଦାର) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ, ପରବର୍ତ୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

୧୨. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୂତ ପରିମାଣର (Annual Minimum Guaranteed Quantity) ମୋଟ ରୟାଲିଟି/ ଅତିରିକ୍ତ ରୟାଲିଟି/ Dist- Mineral Fund/ State Mineral Fund ବାବଦ ଦେୟ ର ମୋଟ ପରିମାଣର ୨୫% ରୁ E.M.D. ଦାଖଲ ହୋଇଥିବା ଅର୍ଥକୁ କାଟି ବାକି ଅର୍ଥ ସୁଧ ବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପଇଠ କରିବା ପାଇଁ ବାଧ୍ୟ । ଯଦି, ଏହି ହିସାବ ହୋଇନପାରେ, ତେବେ, ଲିଜ ପ୍ରଦାନକାରୀ ଅଧିକାରୀ ଅଥବା ତହସିଲଦାର ଧାର୍ଯ୍ୟ କରିଥିବା ଅର୍ଥରାଶି (ବିନା ସୁଧରେ) ଦାଖଲ କରିବେ । ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ଟ.୧୦,୦୦୦ଙ୍କା ଅମାନତ ରୂପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ ୪୨)

୧୩. ଲିଜ ନିମନ୍ତେ ଚୟନ ହୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ O.M.M.C. Rule, 2016 ରେ ଥିବା N ଫର୍ମରେ ରାଜିନାମା କରିବା ପାଇଁ ବାଧ୍ୟ । ଚୟନ ପ୍ରକ୍ରିୟା ପରେ ତିନି ମାସ ମଧ୍ୟରେ ଲିଜଧାରୀ ଅନୁମୋଦନ ପ୍ରାପ୍ତ Mining Plan EMP, Environment Clearance ଏବଂ consent to operate from Pollution Control Board କାର୍ଯ୍ୟାଳୟରେ ଦାଖଲ କରିବେ । ନଚେତ ତାଙ୍କର ଲିଜ ଅନୁମୋଦନ ବ୍ୟାଜପ୍ତି କରାଯିବ ଏବଂ ଜମା କରିଥିବା ଅମାନତ ରାଶି ବ୍ୟାଜପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।

୧୪. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜଧାରୀ ଲିଜ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ, ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବ୍ୟାଜପ୍ତ କରାଯିବ ।

୧୫. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ଲିଜକୁ ନାକଚ କରିପାରିବେ ।

୧୬. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି। ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରୀଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ଲିଜ ପରିଚାଳନା କରିପାରିବେ ।

୧୭. ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ, ୨୦୧୬ (O.M.M.C. Rules, 2016) ର ଧାରା ୨୭, ୨୮, ୨୯, ୩୦, ୩୧, ୩୨ ଏବଂ ୩୩ ର ସମସ୍ତ ଉପଧାରା ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୮. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀମାନେ ବର୍ଦ୍ଧିତ ଧାରାରେ ରୟାଲିଟି ପଇଠ କରିବା ପାଇଁ ବାଧ୍ୟ ।

୧୯. ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

୨୦. ଲିଜ ରେ ସୈରତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାଇ ରହିବେ ନାହିଁ ।

୨୧. ଲିଜ ଦିଆ ଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଜୟ ପାଇଁ କର୍ତ୍ତୃପକ୍ଷ ଦାଇ ରହିବେ ନାହିଁ ।

୨୨. ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ସଂଶୋଧନ କରିବା କ୍ଷମତା କ୍ଷମାତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ଦ୍ଵିତୀୟ ଥର ପାଇଁ ଓ ତୃତୀୟ ଥର ପାଇଁ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ପ୍ରଥମ ଥର ଯେଉଁ ଉତ୍ସ ପାଇଁ ଯୋଗ୍ୟ ଲିଜଧାରୀ ଚୟନ କରାଯାଇ ପାରିବନାହିଁ ସେହି ଉତ୍ସ ଦ୍ଵିତୀୟ ଥର ପାଇଁ ତା ୨୪.୧୧.୨୦୨୨(ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ) ଏବଂ ତୃତୀୟ ଥର ପାଇଁ ତା ୦୬.୧୨.୨୦୨୨(ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ) ଦରଖାସ୍ତ ଗ୍ରହଣ କରାଯିବ ଏବଂ ଯଥାକ୍ରମେ ତତ ପରଦିନ ଗୁଡିକରେ ଦିବା ୧୧.୦୦ ଘଟିକା ସମୟରେ ଏହି କାର୍ଯାଳୟରେ ଖୋଲାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ସୈରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.subarnapur.nic.in ରେ ଉପଲବ୍ଧ ରହିଅଛି । ଯଦି, ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ, ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାର, ସୋନପୁରଙ୍କ ରହିଅଛି । ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି । ନିଲାମ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସ ର ସଂପୂର୍ଣ୍ଣ ବିବରଣୀ ଏଠି ସହିତ ସଂଲଗ୍ନ କରାଯାଇଅଛି ।

**ନିଲାମ ସ୍ଥାନ – ତହସିଲ କାର୍ଯାଳୟ,** ସୋନପୁର

**ଧାର୍ଯ୍ୟ ତାରିଖ ଓ ସମୟ ପ୍ରଥମ ଥର - ତା. ୧୫.୧୧.୨୦୨୨ ଦିବା ୧୧.୦୦ ଘଟିକା**

**ଧାର୍ଯ୍ୟ ତାରିଖ ଓ ସମୟ ଦ୍ଵିତୀୟ ଥର - ତା. ୨୫.୧୧.୨୦୨୨ ଦିବା ୧୧.୦୦ ଘଟିକା**

**ଧାର୍ଯ୍ୟ ତାରିଖ ଓ ସମୟ ତୃତୀୟ ଥର - ତା. ୦୭.୧୨.୨୦୨୨ ଦିବା ୧୧.୦୦ ଘଟିକା**

ପୁନଶ୍ଚ ଅନ୍ୟାନ୍ୟ ସର୍ତ୍ତାବଳୀ ଏଥି ସହ Annexure- A ରେ ସଂଲଗ୍ନ କରାଯାଇଅଛି ।

ତହସିଲଦାର, ସୋନପୁର

ଜ୍ଞାପକ ସଂଖ୍ୟା- ୪୧୮୮ ତାରିଖ ୧୮.୧୦.୨୦୨୨

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁର/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁବର୍ଣ୍ଣପୁର/ ଉପ-ଜିଲ୍ଲାପାଳ, ସୋନପୁର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର / ଗୋଷ୍ଠୀ

ଉନ୍ନୟନ ଅଧିକାରୀ, ତରଭା, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି/ ଗ୍ରାମ୍ୟ ନିର୍ମାଣ/ ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ/ ନିର୍ବାହୀ ଅଧିକାରୀ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ସୋନପୁର, ସୋନପୁର ତହସିଲ ଅଧିନସ୍ଥ ସମସ୍ତ ସରପଞ୍ଚ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସେମାନଙ୍କ କାର୍ଯାଳୟର ନୋଟିସ ବୋର୍ଡରେ ପ୍ରକାଶିତ କରିବା ନିମନ୍ତେ ପ୍ରେରଣ କରାଗଲା । ଏକକିତା ନକଲ ଏହି କାର୍ଯାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ତହସିଲଦାର, ସୋନପୁର

ଜ୍ଞାପକ ସଂଖ୍ୟା - ୪୧୮୯ ତାରିଖ ୧୯.୧୦.୨୦୨୨

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲା ବୈଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର, ସୁବର୍ଣ୍ଣପୁର ଙ୍କ ନିକଟକୁ ଜିଲ୍ଲା ୱେବସାଇଟ www.subarnapur.nic.in ଜରିଆରେ ପ୍ରସାରିତ କରିବା ସକାଶେ ପ୍ରେରଣ କରାଗଲା ।

ତହସିଲଦାର, ସୋନପୁର

## ସୋନପୁର ତହସିଲ ଅଧୀନରେ ଥିବା ଲଘୁ ଖଣି ଗୁଡିକର ସଂପୂର୍ଣ୍ଣ ବିବରଣୀ

| କ୍ର. ସଂଖ୍ୟା | ମୌଜା ଓ ଉତ୍ସର ନାମ | କେଶ୍ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ରକବା | ରୟାଲିଟି ଦେୟ ଘ. ମି. ପ୍ରତି | ନିମ୍ନତମ ଅତିରିକ୍ତ ଦେୟ | ନିମ୍ନତମ ବାର୍ଷିକ ଉଠାଣ ଘ.ମି. | EMD ଅଗ୍ରୀମ ଦାଖଲ କରିବା ଅମାନତ ରାଶିର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୧ | ବହିରଖମନ ପଥର ଖାଦାନ | ୫୨/୨୦୨୦ | ୨୫୫ | ୧୮୪୧, ୧୮୪୨, ୧୮୪୬, ୧୮୫୭, ୧୮୫୮ ଏବଂ ୧୮୯୭ | ପଥର ବଣି | ଏ.୧.୬୭୦ | ଟ. ୧୩୦.୦୦ | ଟ.୧୩୦. ୦୦ | ୧୫୦୦ | ୧୯୫୦୦/- |
| ୨ | ତବଲଙ୍ଗ ପଥର ଖାଦାନ | ୫୩/୨୦୨୦ | ୩୭୪ | ୧୯୪୨, ୧୭୦୯ | ପଥର ଚଟାଣ | ଏ ୨.୨୭୦ | ଟ. ୧୩୦.୦୦ | ଟ.୧୩୦. ୦୦ | ୨୦୦୦ | ୨୬୦୦୦/- |
| ୩ | ବଲାଡ଼ି ଜଙ୍ଗଲ ପଥର ଖାଦାନ | ୯୬/୨୦୧୯ | ୭ | ୪୫ | ପର୍ବତ | ଏ ୨.୧୪୫ | ଟ. ୧୩୦.୦୦ | ଟ.୧୩୦. ୦୦ | ୫୦୦୦ | ୬୫୦୦୦/- |
| ୪ | କୀର୍ତ୍ତିପୁର ପଥର ଖାଦାନ | ୧୭୮/୨୦୨୧ | ୩୩୪ | ୫୯୦, ୫୯୫, ୫୯୬ | ପଥର ବଣି | ଏ ୪.୦୮୦ | ଟ. ୧୩୦.୦୦ | ଟ.୧୩୦. ୦୦ | ୮୧୦.୮ | ୧୦୫୪୦/- |
| ୫ | ରୁଗୁଡିପାଲି ପଥର ଖାଦାନ | ୧୭୯/୨୦୨୧ | ୨୨୯ | ୪୯୫, ୪୯୭, ୫୦୦ | ପଥର ବଣି | ଏ ୨.୨୬୦ | ଟ. ୧୩୦.୦୦ | ଟ.୧୩୦. ୦୦ | ୫୪୦ | ୭୦୨୦/- |
| ୬ | ବାଲପୁର ବାଲି ଖାଦାନ | ୬୫/୨୦୨୨ | ୧ | ୩୯, ୪୦, ୪୧ | ଅଙ୍ଗନଦୀ | ଏ ୧୨.୩୫୫ | ଟ. ୩୫.୦୦ | ଟ.୧୯୯. ୦୦ | ୫୨୮୦ | ୬୧୭୭[illegible]/- |
| ୭ | ଖରଝୁରା ବାଲି ଖାଦାନ | ୯୫/୨୨ | ୩୮୦ | ୧୫୯୦/A | ତେଲନଦୀ | ଏ ୧୨.୩୫୫ | ଟ. ୩୫.୦୦ | ଟ.୧୯୯. ୦୦ | ୫୫୫୦ | ୬୪୯୩୫/- |

[signature] 17.10.22

ତହସିଲଦାର, ସୋନପୁର

# TERMS & CONDITIONS

1. The Lessee agreement is **NOT** transferable.
2. The minor mineral other then for which action is confirmed shall not be removed from the leased area.
3. If any major mineral is found during the quarrying operation, the lessee shall report the matter to the competent authority and shall not work or remove the same henceforth.
4. The lessee shall report all accidents to the competent authority and Collector, Subarnapur.
5. The lessee shall have NO right over the quarried material and other properties lying in the lease area **AFTER EXPIRY** of the term of lease and shall be deemed to be the properties of Government and may disposed of by public action.
6. The lessee shall **NOT** undertake any operation in any forest area without obtaining prior permission form the concerned authority of the Forest Department.
7. The lessee shall pay to the occupier of the surface of the land just and reasonable compensation as may be agreed upon by the lessee and owner of the land.
8. The lessee shall **NOT** carry on quarrying operation within a distance **50 meters** from any public road, public building, temple, reservoir, dam, burial ground, railway track etc. and not cause any damage to public and private property.
9. The lessee shall, at his own expenses, erect and at all time maintain and keep in good condition boundary marks and pillars necessary to delineate the auction area.
10. The lessee shall abide by provisions of Miners and Mineral (Development and Regulation) Act 1957, Mines Act 1952, Explosive Act 1884, Explosive substances Act 1908 and rules made there under and all other laws for the time being in force relating to the working of quarries and matters affecting the safety, health and conveniences of persons working for quarrying operation and of public.
11. The lessee shall obey all existing rights of way, water and other easements.
12. The lessee shall keep correct monthly account of minor minerals quarried and dispatched and furnish a quarterly return in **Form- P** to the competent authority by 15th of succeeding quarter.
13. The lessee shall allow the Director, Controlling Authority and competent authority or any officer authorized by any of them to inspect the quarrying operation and to check the accounts of production and dispatches from the register maintained by him.

Ad

14. The lessee shall **NOT** remove any minor mineral from the area without obtaining prior permission from the competent authority or any other officer authorized by him. **NO** minor minerals shall be dispatched from the area **without valid Transit Pass** issued by such officer.
15. In case laterite quarry, the lessee shall NOT be used power cutter or any such machinery from excavation or laterite.
16. The lessee shall take all precautions for protection of environment and control of pollution including reclamation of the quarried-out area.
17. If any event, the orders of the competent authority is revised, reviewed or cancelled by the concerned controlling authority or the lessee fails to fulfill the terms and conditions of the lease due to force of nature or such as act of God, war, insurrections, riot, civil commotion, happing beyond control or lease holder, delay in development of infrastructure, acquiring of land for quarry operation and for use of land for public purpose, <u>the lessee shall **NOT** claim for any compensation</u>
18. The lessee shall NOT use explosive in any manner without obtaining an explosive license from the appropriate authority.
19. The lessee shall pay wage not less than minimum wage prescribed by the State Government from time to time under the Minimum Wages Act 1948.
20. Competent Authority may impose such further condition as he may think necessary in the interest of mineral development.
21. In case of violation of the term conditions fully or partly, the Security/EMD amount shall be forfeited and the auction sale shall stand cancelled without assigning any reason thereof and without any compensation.
22. The lessee shall obtain Environmental Clearance from the SEIAA, Odisha or DEIAA within one month from the date of holding lease and furnish before the Tahasildar for issue of confirmation order to extract and remove minor mineral from the sairat source(s) concerned.
23. The lessee shall submit an undertaking to affect that he/ she will not engage children between the age group of 6 to 14 years in minor mineral extraction work in accordance to the Child Labour (Prohibition & Regulation ) Act 1986.

19.10.22

**Tahasildar Sonepur**